**ଅମାନିଆଙ୍କଠୁ ଜରିମାନା ଆଦାୟ**

ସୋର,(ଡି.ଏନ୍.ଏ.): ସୋର ପୋଲିସ ରବିବାର ମାରାଥନ୍ ମାସ୍କ ଓ ହେଲ୍‌ମେଟ ଯାଞ୍ଚ କରି ଶଟ୍‌ଡାଉନ୍‌ରେ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ଅମାନିଆଙ୍କଠାରୁ ଜରିମାନା ଆଦାୟ କରିଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ତରଫରୁ ବିଭିନ୍ନ ସ୍ଥାନରେ ଚେକିଂ କରାଯାଇ ମାସ୍କ ଓ ହେଲମେଟ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କ ନିକଟରୁ ୩୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଇଆଇସି ମଧୁମିତା ମହାନ୍ତିଙ୍କ ନିର୍ଦ୍ଦେଶରେ ଏହି ଯାଞ୍ଚ ବେଳେ ଏସ୍ଆଇ ଚନ୍ଦ୍ରଶେଖର ମହାନ୍ତି, ଶାରିଶ ନାୟକ, ଚିନ୍ମୁଲତା ଦାସ ଏବଂ ଏଏସ୍ଆଇ ପ୍ରତାପ କାଲୋ ପ୍ରମୁଖ ନିୟୋଜିତ ଥିଲେ।

## ସଂକ୍ଷେପରେ

### ସୁବାସିନୀ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି

ବାଲେଶ୍ୱର ଅଫିସ, ୨୭।୬-ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରବିବାର ବିଜୁ ଜନତା ଦଳର ମହିଳା ମୋର୍ଚ୍ଚାର ସାଂଗଠନିକ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ବାଲେଶ୍ୱର ଜିଲାର ସମାଜସେବୀ ସୁବାସିନୀ ଜେନାଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ଜିଲା ବିଜେଡି ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ପ୍ରାଣ ଗଲା

ରୂପ୍‌ସା, ୨୭।୬(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ମଛଡ଼ିହା ଗ୍ରାମର ଜଣେ ବୃଦ୍ଧ ରବିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ କୈଳାସ ପ୍ରଧାନ (୬୪)। ସେ ସକାଳେ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଯୋଡ଼ା,୨୭।୬(ଡି.ଏନ.ଏ.): ଯୋଡା ସହରର ଆଜାଦବସ୍ତିର ଏକ ଘର ଭିତରେ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଯୋଡ଼ା ପୋଲିସ ଜବତ କରିଛି। ମୃତକ ଯୁବକଙ୍କ ନାମ ବିକାଶ ବରାଳ। ପୋଲିସ ମୃତଦେହ ଜବତ କରି ଡାକ୍ତଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଯୋଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧୮/୨୦୨୧) ରୁଜୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ବ୍ୟବଚ୍ଛେଦ ପରେ ଏହାର କାରଣ ଜଣାପଡ଼ିବ ବୋଲି ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

### ଖବରଦାତାଙ୍କ ପିତୃ ବିୟୋଗ

ବାଲିଆପାଳ, ୨୭।୬(ସ୍ୱ.ପ୍ର.)-ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଚଡ଼ବସ୍ତ କାଳରୁଇ ଗ୍ରାମର ଆଦର୍ଶ ଶିକ୍ଷକ ତଥା 'ଧରିତ୍ରୀ'ର ବାଲିଆପାଳ ପ୍ରତିନିଧି ଗୋପାଳ ସାହୁଙ୍କ ପିତା ରଘୁନାଥ ସାହୁ(୮୨)ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସାହୁ



ବଡ଼ାଶ ପଞ୍ଚାୟତର ତାହାଳିଆ ୟୁଜିଏମ୍‌ଇ ବିଦ୍ୟାଳୟରେ ଚାକିରି ଜୀବନ ଆରମ୍ଭ କରି ସେହିଠାରେ ହିଁ ଅବସର ଗ୍ରହଣ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ବାଲିଆପାଳ ଅଞ୍ଚଳରେ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ, ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ, ଦିଲୀପ କୁମାର ଦାସ, ପ୍ରଦୀପ କୁମାର ଜେନା, ହରେକୃଷ୍ଣ ଦାସ, ଦୀନବନ୍ଧୁ ପ୍ରଧାନ, ଦିଲୀପ ଦାସ, ସେକ ଜାଗିରୁଦ୍ଦିନ, ସେକ ସବୀର, ଜଗନ୍ନାଥ ଦାସ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ। ବଡ଼ପୁଅ ପ୍ରଦୀପ୍ତ ସାହୁ ମୁଖାଗ୍ନି ଦେଇଥିଲେ।

### ଆଖଣ୍ଡଳମଣିଙ୍କ ଭଣ୍ଡାରି ସେବକଙ୍କ ପରଲୋକ

ଆରଡ଼ି, ୨୭।୬ (ଡି.ଏନ.ଏ.)-ଭଦ୍ରକ ଜିଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ଭଣ୍ଡାରି ସେବକ ସୁରେନ୍ଦ୍ର ବାରିକ(୫୪)ଙ୍କ ଶନିବାର ରାତିରେ ପରଲୋକ ଘଟିଛି। ଶିବବିବାହ



ପରେ ସେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଭଦ୍ରକ କୋଭିଡ୍ ହସ୍ପିଟାଲରେ ୩ ଦିନ ଧରି ସେ ଚିକିତ୍ସିତ ହେଉଥିଲେ। ହଠାତ୍ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସୁରେନ୍ଦ୍ର ପୀଠରେ ଭକ୍ତମାନଙ୍କ ମାନସିକ ମୁଣ୍ଡନ କାର୍ଯ୍ୟ କରୁଥିଲେ। ଶିବବିବାହରେ ସେ ଲଗ୍ନ ଓ ବରଧରା ସାମଗ୍ରୀ ମଧ ବର ଘରକୁ ନେଉଥିଲେ। ଶିବବିବାହ ଦିନ ସେ ନାରଦ ବେଶରେ ବରଯାତ୍ରୀ ରୂପେ କନ୍ୟାଘରକୁ ଯାଉଥିଲେ। ଜଣେ ଚିତ୍ରଶିଳ୍ପୀ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ।

# ଆଦର ଅଛି, ପ୍ରୋତ୍ସାହନ ନାହିଁ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୨୭।୬**



ମହିଳାମାନେ ଆମ୍ବଶଢ଼ା ଶୁଖାଉଛନ୍ତି।

ଆମ୍ବଶଢ଼ା ଶୁଣିଲେ ସମସ୍ତଙ୍କ ପାଟିରୁ ଲାଳ ବାହାରିଥାଏ। ଏହା ପ୍ରାୟ ସବୁ ବର୍ଗର ଲୋକଙ୍କ ପସନ୍ଦ। ବଣ ପାହାଡ଼ ଘେରା କେନ୍ଦୁଝର ଜିଲାର ଦେଶୀ ଆମ୍ବ ଏବଂ ଏଥିରୁ ପ୍ରସ୍ତୁତ ଆମ୍ବଶଢ଼ାର ସ୍ୱାଦ ନିଆରା। ଏହାର ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ଯଦିଓ ବନବାସୀମାନେ ନିଜସ୍ୱ ପାରମ୍ପରିକ ଶୈଳୀରେ ପ୍ରସ୍ତୁତ କରିଥାନ୍ତି, ତେବେ ସରକାରୀ ସ୍ତରରେ ସହାୟତା ଓ ସହଯୋଗ ମିଳିଲେ ଏହା ସେମାନଙ୍କ ପାଇଁ ଏକ ବଡ଼ ବ୍ୟବସାୟ ହୋଇପାରନ୍ତା।

ଆମ୍ବଶଢ଼ା ପ୍ରସ୍ତୁତ ପାଇଁ ଖରାର ଆବଶ୍ୟକତା ରହିଛି। ତେବେ ଚଳିତ ବର୍ଷ ଲଘୁଚାପଜନିତ ବର୍ଷା ଯୋଗୁ ସେମାନେ ଆମ୍ବଶଢ଼ା ଠିକ୍ ଭାବରେ ପ୍ରସ୍ତୁତ କରିପାରି ନ ଥିବାରୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ଛଡ଼ା ଯେଉଁ କେତେଜଣ କରିଛନ୍ତି କରନା କଟକଣା ନ ଉଠିଲେ ବିକ୍ରିବଟା କରି ପାରିବେ ନାହିଁ ଏବଂ ପୁଣି କ୍ଷତିଗ୍ରସ୍ତ ହେବେ ବୋଲି ଚିନ୍ତାରେ ଅଛନ୍ତି। ନିଜର ଉଦ୍ୟମରେ ଆମ୍ବରୁ ରସ ବାହାର କରି ସେସବୁକୁ ଶୁଖାଇ ଆମ୍ବଶଢ଼ା ପ୍ରସ୍ତୁତ କରିଥାନ୍ତି। ବାହାରେ ଉଚ୍ଚ ସ୍ଥାନରେ ପଟିଆ ବା ଆସନ ବିଛାଇ ତା' ଉପରେ ଆମ୍ବ ରସକୁ ଖେଳାଇ ଶୁଖାଇ ଥାନ୍ତି। ସାମାନ୍ୟ ଶୁଖିଗଲେ ପୁଣି ପରଦିନ ଆଉ ଏକ ପରସ୍ତ ରସ ପକାଇ ଶୁଖାଇଥାନ୍ତି। ଏଭଳି ପ୍ରସ୍ତର ପ୍ରସ୍ତର ରସ ପକାଇ ଆମ୍ବଶଢ଼ା ପ୍ରସ୍ତୁତ ହୋଇଥାଏ। ଏଥିପାଇଁ ଟାଣ ଖରାରେ ଅନୂନ୍ୟ ୧୫ ଦିନ ଶୁଖିବାକୁ ଲାଗିଥାଏ। ଏହି ଆମ୍ବଶଢ଼ା ଶୁଖିଗଲେ ଲମ୍ବା ଲମ୍ବା କାଟି ପତ୍ରରେ ଗୁଡ଼ାଇ ହାଟବଜାରରେ ବିକ୍ରିକରିଥାନ୍ତି। ୪/୫ ଫୁଟ ଲମ୍ବ ଓ ଏକ ଫୁଟ ଓସାରର ଆମ୍ବଶଢ଼ା ପଟିର ଦାମ ୧୨୦ରୁ ୧୫୦ ଟଙ୍କାରେ ବିକ୍ରି ହୋଇଥାଏ। ଅନେକ ସମୟରେ ବେପାରୀମାନେ କମ୍ ଦାମରେ କିଣି ନେଇ ବାହାରେ ଉଚ୍ଚ ଦାମରେ ବିକି ବେଶ୍ ଲାଭବାନ ହୋଇଥାନ୍ତି। ଅନେକ ସମୟରେ ପରିଶ୍ରମ ମୁତାବକ ପାରିଶ୍ରମିକ ମିଳି ନ ଥାଏ। ଏଣୁ ସରକାରୀ ସ୍ତରରେ ପରିଷ୍କାର ପରଚ୍ଛନ୍ନତା ରକ୍ଷା କରି ଆମ୍ବଶଢ଼ା ପ୍ରସ୍ତୁତ କରିହେବ ସେ ନେଇ ବନବାସୀଙ୍କୁ ତାଲିମ ଦେବା ବ୍ୟବସ୍ଥା କରାଗଲେ ଏବଂ ସାଇତି ରଖିବାର ତାଲିମ ଦିଆଗଲେ ଏହି ଆମ୍ବଶଢ଼ାର ଚାହିଦା ବୃଦ୍ଧି ପାଇବା ସହ ସେମାନେ ଉଚିତ ମୂଲ୍ୟ ପାଇପାରନ୍ତେ ବୋଲି ମତପ୍ରକାଶ ପାଉଛି। ସେହିପରି ଏହାକୁ ପ୍ୟାକିଂ ବ୍ୟବସ୍ଥା କରାଗଲେ ବା ବିଭିନ୍ନ କମ୍ପାନୀକୁ ସିଧାସଳଖ ଯୋଗାଇ ଦିଆଗଲେ ଅଧିକ ପଇସା ପାଇପାରନ୍ତେ।

## ସ୍ୱାମୀଙ୍କ ଦ୍ୱିତୀୟ ବିବାହ ବନ୍ଦ କରାଇଲେ ସ୍ତ୍ରୀ

**ପାଟଣା,୨୭।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ଅଞ୍ଚଳର ଜଣେ ବ୍ୟକ୍ତି ରବିବାର ନୂଆ ଖମଣ ଅଞ୍ଚଳରେ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରୁଥିବା ବେଳେ ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ବନ୍ଦ କରିଛି। ତୁରୁମୁଙ୍ଗା ଥାନା ଅଧିକାରୀ ବୈଦ୍ୟନାଥ ସାହୁ ଓ ଏସଆଇ ସୁଶାନ୍ତ ମଣୀ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ବିବାହ ବନ୍ଦ କରିଥିବା ବେଳେ ଥାନାରେ ଏକ ମାମଲା (ନଂ.୬୬/୨୧) ରୁଜୁ ହୋଇଛି। ଦ୍ୱିତୀୟ ବିବାହ କରୁଥିବା ଓ ଯୌତୁକ ନିର୍ଯାତନା ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

ପୋଲିସର ସୂଚନା ଅନୁଯାୟୀ ଉକ୍ତ ବ୍ୟକ୍ତି ୧୭ ବର୍ଷ ପୂର୍ବେ ବାରିଆଥାନା ପାହାଡ଼ପୁର ଗ୍ରାମରେ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଦମ୍ପତି ନିଃସନ୍ତାନ ଥିଲେ। ଉକ୍ତ ବ୍ୟକ୍ତି ଝାରସୁଗୁଡାର ଏକ ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ତ୍ରୀଙ୍କର ବାଲେଶ୍ୱରର ଜଣେ ବିବାହିତ ବ୍ୟକ୍ତିଙ୍କ ସହ ପ୍ରେମସମ୍ପର୍କ ଗଢି ଉଠିଥିଲା। ୧୫ଦିନ ପୂର୍ବରୁ ତାଙ୍କ ସ୍ତ୍ରୀ ପ୍ରେମିକ ସହ ଚାଲି ଯାଇଥିଲେ। ସ୍ତ୍ରୀ ଚାଲିଯିବା ପରେ ଉକ୍ତ ବ୍ୟକ୍ତି ରବିବାର ବିବାହ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଫେରିଆସି ସ୍ୱାମୀଙ୍କ ପାଖରେ ରହିବେ ବୋଲି ଜିଦ୍ ଧରିଥିଲେ। ଅନ୍ୟପକ୍ଷରେ ପ୍ରେମିକଙ୍କ ନାମରେ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି।

## 'ପୋଲିସ ନିଷ୍କ୍ରିୟତା ଯୋଗୁ ବଢୁଛି ଶ୍ରମିକ ଅଶାନ୍ତି'

**ବାଲେଶ୍ୱର ଅଫିସ, ୨୭।୬**

ବାଲେଶ୍ୱର ଜିଲାର ପୁରାତନ ଶିଳ୍ପାନୁଷ୍ଠାନ ବିର୍ଲା ଟାୟାର୍ସରେ ଶ୍ରମିକ ଅଶାନ୍ତି ଲାଗି ରହିଛି। ସାଢ଼େ ୩ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ଏଠାରେ କାର୍ଯ୍ୟ କରୁଥିଲେ ମଧ୍ୟ ବାରମ୍ବାର ଶ୍ରମିକ ଅଶାନ୍ତି ଓ ମହାମାରୀ କରୋନା ପ୍ରଭାବରେ ଏହି କାରଖାନା ବନ୍ଦ ହେବାକୁ ବସିଲାଣି। ଅନ୍ୟପକ୍ଷରେ ପୋଲିସ ଏଥିରେ ହସ୍ତକ୍ଷେପ ନ କରି ନିଷ୍କ୍ରିୟତା ପ୍ରଦର୍ଶନ କରୁଥିବାରୁ ଦିନକୁ ଦିନ ଅଶାନ୍ତି ବଢ଼ିବାରେ ଲାଗିଛି ବୋଲି ପୂର୍ବତନ ବିଧାୟକ ତଥା ବରିଷ୍ଠ ଶ୍ରମିକ ନେତା ଅରୁଣ ଦେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ବିର୍ଲା ଟାୟାର୍ସ ଜିଲାର ସର୍ବପୁରାତନ କାରଖାନା। ପୂର୍ବରୁ ଏଥିରେ ୫ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରୁଥିଲେ। ଧୀରେ ଧୀରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପୋଲିସ ପ୍ରଶାସନର ଅବହେଳା ଓ ନିଷ୍କ୍ରିୟତା ଯୋଗୁ ଯଦି କୌଣସି କାରଣରୁ କାରଖାନା ବନ୍ଦ ହୋଇଯାଏ ତା'ହେଲେ ଜିଲା ତଥା ରାଜ୍ୟ ପାଇଁ ଏକ ନିନ୍ଦନୀୟ ଘଟଣା ହେବ। ଦୀର୍ଘ ୨୦ରୁ ଊର୍ଦ୍ଧ୍ୱ ଦିନ ଧରି ଏକ ଅଣପଞ୍ଜିକୃତ ଶ୍ରମିକ ସଙ୍ଗଠନର କେତେକ ଶ୍ରମିକ ସ୍ଥାନୀୟ ଲୋକଙ୍କ ବାହୁବଳରେ କାରଖାନାକୁ ବନ୍ଦ କରିଛନ୍ତି। କାରଖାନା କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। କରୋନା ସମୟରେ ଗେଟ୍ ସମ୍ମୁଖରେ ଶତାଧିକ ଲୋକ ଏକାଠି ହୋଇ କରୋନା ନିୟମକୁ ଉଲ୍ଲଂଘନ କରୁଛନ୍ତି। ପ୍ରଶାସନର ଏଥିପ୍ରତି ଦୃଷ୍ଟିନାହିଁ।

## କମାଲପୁର, ପଠାଣମହଲାକୁ ନେଇ ସ୍ୱତନ୍ତ୍ର ପଞ୍ଚାୟତ ଗଠନ ଦାବି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ।

**ଭଦ୍ରକ ଅଫିସ,୨୭।୬**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଗୁଜିଦରଡ଼ା ପଞ୍ଚାୟତ ଜିଲାର ସବୁଠାରୁ ବଡ଼ ପଞ୍ଚାୟତ ଭାବେ ପରିଗଣିତ। ଏହି ପଞ୍ଚାୟତର କମାଲପୁର ଓ ପଠାଣମହଲା ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୪ କି.ମି. ଦୂର। ଫଳରେ ଏହି ଦୁଇ ଗ୍ରାମର ୯ଟି ୱାର୍ଡର ବୃଦ୍ଧାବୃଦ୍ଧ, ବିଧବା ମହିଳା, ଦିବ୍ୟାଙ୍ଗ ଏପରି ରାଶନ କାର୍ଡ଼ଧାରୀଙ୍କୁ ସେମାନଙ୍କ ହକ୍ ପାଇବା ପାଇଁ ଏତେ ଦୂରକୁ ଯିବାକୁ ପଡୁଛି। ଏଥିପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକସଂଖ୍ୟା ଓ ଦୂରତା ଦୃଷ୍ଟିରୁ ଦୁଇ ଗ୍ରାମକୁ ନେଇ ଏକ ସ୍ୱତନ୍ତ୍ର ପଞ୍ଚାୟତ ଗଠନ ପାଇଁ ଦାବି ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ, ଜିଲାପାଳ, ବିଧାୟକ, ଏମ୍‌ପି ପ୍ରମୁଖଙ୍କ ପାଖରେ ବାରମ୍ବାର ଦାବି ହୋଇଆସୁଛି। ହେଲେ ଦାବିକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଗ୍ରାମବାସୀ ଏକାଠି ହୋଇ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ ନ କଲେ ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ଭଙ୍ଗ ହେବା ସହ ସମୂହ ଭୋଟ ବର୍ଜନ କରିବେ। ଅବଦୁଲ ହମିଦ୍ ଖାଁ, ଜମିରୁଦ୍ଦିନ ଖାଁ, ସେକ୍ ମହମ୍ମଦ ଫାରୁକ୍, ସେକ୍ ସଜିରୁଲ୍ ରହେମାନ୍, ଏକାଦଶୀ ବେହେରା, ନିରଞ୍ଜନ ମୁଦୁଲି, ଖଗେଶ୍ୱର ମହାନ୍ତି, ରାଜେନ୍ଦ୍ର ବାରିକ, ଜଗନ୍ନାଥ ଯେନା, ରଞ୍ଜିବ ବାରିକ, ଅଜଗର ଅଲି ଖାଁ, ଜଫରୁଦ୍ଦିନ ଇକ୍‌ବାଲ ପ୍ରମୁଖ ଶତାଧିକ ଗ୍ରାମବାସୀ ଏହି ଚେତାବନୀ ଦେଇଛନ୍ତି।

## 'କରୋନା ଟିକା ବିକ୍ରି ହୋଇନି'

**ହାଟଡିହୀ,୨୭।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଗତ ଶନିବାର ଡଅଁର ପଞ୍ଚାୟତ ସରଳା ସ୍କୁଲରେ କରୋନା ଟିକାକରଣ କରିବାକୁ ପ୍ରସ୍ତୁତ କରାଯାଇଥିଲା। ସେହି ଅନୁସାରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ସ୍କୁଲରେ ପହଞ୍ଚି ଟିକାକରଣ କରିଥିଲେ। କିନ୍ତୁ ଗ୍ରାମର ଜଣେ ଶିକ୍ଷକଙ୍କ ସମେତ କେତେକ ବ୍ୟକ୍ତି କୌଣସି କାରଣରୁ କରୋନା ଟିକା ବିକ୍ରି କରାଯାଇ ଅଭିଯୋଗ କରି ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପରେ ଦୋଷ ଲଦିଥିଲେ। ଏପରି ଅଭିଯୋଗକୁ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଅସ୍ୱୀକାର କରାଯାଇଛି। କୌଣସି ପରିସ୍ଥିତିରେ ଟିକା ବିକ୍ରି କିମ୍ବା ହେରଫେର ହୋଇନି ବୋଲି ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପେରିଣ୍ଟେଣ୍ଡେଣ୍ଟ ଡାକ୍ତର ପ୍ରଭାତ ଚନ୍ଦ୍ର ନାୟକ କହିଛନ୍ତି।

## ୧୮୮ ୟୁନିଟ ରକ୍ତ ସଂଗୃହୀତ

**ଢେଙ୍କିକୋଟ:୨୭।୬(ଡି.ଏନ.ଏ.)**

ଢେଙ୍କିକୋଟ ସରକାରୀ ହାଇସ୍କୁଲ ପରିବାର ମଧ୍ୟରେ ରବିବାର ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଉଦ୍‌ଘାଟନ କରିଛନ୍ତି। ଏଥିରେ ମୋଟ ୧୮୮ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଶିବିରକୁ ସମ୍ମାନନୀୟ ଅତିଥି ଭାବେ କେନ୍ଦୁଝର ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଆନନ୍ଦପୁର ବିଧାୟକ ଭାଗିରଥି ସେଠି, ଜିଲା ଯୁବ ବିଜେଡି ସଭାପତି ରାକେଶ କୁମାର ରାମ, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲା ଯୁବ ବିଜେଡି ଉପସଭାପତି ସେକ ଇମ୍ରାନଙ୍କ ନେତୃତ୍ୱରେ ଉକ୍ତ ଶିବିର ପରିଚାଳିତ ହୋଇଥିଲା।

## ମୋ ଉପକାରୀ ବଗିଚା ପାଇଁ ତାଲିମ



କୃଷିମିତ୍ରମାନଙ୍କୁ ତାଲିମ ଦିଆଯାଉଛି।

**ପଦ୍ମପୁର,୨୭।୬(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ୧୨ଟି ପଞ୍ଚାୟତର କୃଷିମିତ୍ରମାନଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଜୀବିକା ମିଶନ ପକ୍ଷରୁ ଆୟୋଜିତ ଏହି ଶିବିରରେ ମୋ ଉପକାରୀ ବଗିଚା ନିମିତ୍ତ ବିଭିନ୍ନ ପରିବା ମଞ୍ଜିର ଗଦା ପରୀକ୍ଷଣ ସହ କ୍ଷେତ୍ର ପରୀକ୍ଷଣ ହୋଇଛି। ଲୁଙ୍ଗା ଓ ବିନାୟକପୁର ପଞ୍ଚାୟତର ମହିଳା ମହାସଂଘ ସହଯୋଗ କରିଥିବା ବେଳେ ୧୨ ପଞ୍ଚାୟତର ୩୬ କୃଷିମିତ୍ର ଏଥିରେ ଭାଗ ନେଇଥିଲେ। ସଭାପତି ଖାଡ଼ଙ୍ଗା ତାଲିମ ପ୍ରଦାନ କରିଥିଲେ। ଜୀବିକା ମିଶନର ସଂଯୋଜକ ସନ୍ତୋଷ ଜେନା, ଏଲ୍‌ଏସ୍‌ପି ସନ୍ତୋଷ ଷଡ଼ଙ୍ଗୀ, ଅମିୟ ବାରିକ, ଏମ୍‌ବିକେ ମିନତି ନାୟକ ଓ ନିରୁପମା ରଣା ପରିଚାଳନା କରିଥିଲେ।

### ଟ୍ରାକ୍ଟର ମାଲିକଙ୍କୁ ଆକ୍ରମଣ ଅଭିଯୋଗ

## ୱାର୍ଡସଭ୍ୟା ଗିରଫ

**ସୋର, ୨୭।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ସରଶଂଖ ପଞ୍ଚାୟତ ଢିଙ୍କିଆପଦା ଗ୍ରାମକୁ ହଳ କରିବାକୁ ଆସିଥିବା ଜଣେ ଟ୍ରାକ୍ଟର ମାଲିକଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ୱାର୍ଡସଭ୍ୟା, ତାଙ୍କ ସ୍ୱାମୀ ଓ ଦେଢଶୁର ରାସ୍ତାରେ ଆକ୍ରମଣ କରି ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୱାର୍ଡ଼ସଭ୍ୟା ମଧୁସ୍ମିତା ପଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଶନିବାର ନଟପଡ଼ା ପଞ୍ଚାୟତ ଚହଳିଗାଁର ସୁଦାମ ପରିଡ଼ା ଟ୍ରାକ୍ଟର ନେଇ ଢିଙ୍କିଆପଦା ଗ୍ରାମରୁ ହଳ କରି ଫେରିବା ବେଳେ ପୂର୍ବ ଯୋଜନା ମୁତାବକ ମଧୁସ୍ମିତାଙ୍କ ଦେଢ଼ଶୁର ଚିନ୍ତାମଣି ପଣ୍ଡାଙ୍କ ପୁଅ ଭରତ ଏକ ଠେଙ୍ଗାରେ ସୁଦାମଙ୍କୁ ପିଟି ତଳେ ପକାଇ ଦେଇଥିଲେ। ଏହି ସମୟରେ ୱାର୍ଡ଼ମେମ୍ବର ମଧୁସ୍ମିତା ଏବଂ ତାଙ୍କ ସ୍ୱାମୀ ବସନ୍ତ ପଣ୍ଡା ପହଞ୍ଚି ମିଳିତ ଭାବେ ସୁଦାମଙ୍କୁ ନିସ୍ଥୁକ ମାଡ଼ମାରିଥିଲେ। ସ୍ଥାନୀୟ ଲୋକ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଅଟୋରେ ସୋର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅଭିଯୋଗ ପାଇ ଡିଏସ୍‌ପି ଶ୍ରୀହର୍ଷ ମିଶ୍ର, ଥାନା ଭାରପ୍ରାପ୍ତ ଅଧିକାରିଣୀ ମଧୁମିତା ମହାନ୍ତି ଘଟଣାସ୍ଥଳକୁ ଯାଇ ତଦନ୍ତ କରି ମାମଲା(ନଂ.୨୪୧/୨୧) ରୁଜୁ କରି ୱାର୍ଡ଼ମେମ୍ବର ମଧୁସ୍ମିତାଙ୍କୁ ଗିରଫ କରିଛନ୍ତି। ତାଙ୍କ ସ୍ୱାମୀ ଓ ଦେଢ଼ଶୁର ଫେରାର ଅଛନ୍ତି। ଅନ୍ୟପକ୍ଷରେ ମଧୁସ୍ମିତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଘଟଣାର ତଦନ୍ତ କରୁଛି।

## ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ

**ବାରିପଦା ଅଫିସ, ୨୭।୬**

ବାରିପଦା ରୁରାଲ ସବଡିଭିଜନ ଅନ୍ତର୍ଗତ ଛାଞ୍ଚ ବିଦ୍ୟୁତ କାର୍ଯ୍ୟାଳୟ ପରିସରଠାରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହର ଦ୍ୱିତୀୟ ଦିବସରେ ପରିବେଶ ସୁରକ୍ଷା ପାଇଁ ବିଦ୍ୟୁତ କର୍ମଚାରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟାଟା ପାୱାର ଦ୍ୱାରା ପାଳିତ ହେଉଥିବା ବିଦ୍ୟୁତ ସୁରକ୍ଷା ସପ୍ତାହରେ ଛାଞ୍ଚ ସେକ୍ସନର କନିଷ୍ଠ ଯନ୍ତ୍ରୀ ସୁମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉପଖଣ୍ଡ ଅଧିକାରୀ ସତ୍ୟବ୍ରତ ସେଠୀ ଉପସ୍ଥିତ ରହି ବୃକ୍ଷରୋପଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଚନ୍ଦନ କୁମାର ମହାନ୍ତି, ସୁଶାନ୍ତ ମହାନ୍ତ, ବିରଞ୍ଚି ପାତ୍ର, ଉତ୍ପଳ ଭଞ୍ଜବାବୁ, ଦେବାଶିଷ ବେହେରା ପ୍ରମୁଖ ବହୁ କର୍ମଚାରୀ ସହଯୋଗ କରିଥିଲେ।

## ଦୁର୍ଦ୍ଦିନରେ ଯାତ୍ରା କଳାକାର

### ସହାୟତା ଲାଗି ନିବେଦନ

**ଭୋଗରାଇ, ୨୭।୬(ଡି.ଏନ.ଏ.)**

କରୋନା ମହାମାରୀ ଯୋଗୁ ଦୀର୍ଘ ଦେଢ଼ବର୍ଷ ଧରି ଯାତ୍ରା କଳାକାରଙ୍କ ଜୀବନଜୀବିକା ଦୁର୍ବିଷହ ହୋଇପଡିଥିବା ବେଳେ ଦୁସ୍ଥ କଳାକାରମାନେ ଅସହାୟ ହୋଇପଡ଼ିଛନ୍ତି। ଏଭଳି ସ୍ଥିତିରେ ବାଲେଶ୍ୱର କଳାକାର ସଂଘ ଭୋଗରାଇ ଶାଖା ପକ୍ଷରୁ ରବିବାର ମଟେଇବାଡ଼ (ବନାବସାଣ)ସ୍ଥିତ ଦୁର୍ଗାପୂଜା ମଣ୍ଡପଠାରେ ୩୦ଜଣ ଦୁସ୍ଥ କଳାକାରମାନଙ୍କୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ପ୍ୟାକେଟ୍ ପ୍ରଦାନ କରାଯାଇଛି। କରୋନାରୁ ମୁକ୍ତି ମିଳିଲେ ଭୋଗରାଇରେ କଳାକାର ସଂଘ ପକ୍ଷରୁ ଗୌରାଙ୍ଗ ସଙ୍ଗୀତ ବିଦ୍ୟାଳୟ ଓ ଏକ ସ୍ଥାୟୀ ଗୃହ ନିର୍ମାଣ କରାଯିବ ବୋଲି ସଂଘର କର୍ମକର୍ତ୍ତା ପ୍ରକାଶ କରିଥିଲେ। ପ୍ରବୀଣ ଯାତ୍ରା କଳାକାର ପ୍ରଫୁଲ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଯାତ୍ରା ଅଭିନେତା ଗୌର ଦାସ ଓ ଖଳନାୟକ ହରେନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂଘ ସମ୍ପାଦକ ପ୍ରଫୁଲ୍ଲ ଘୋଷ, ସଦସ୍ୟ ବନମାଳୀ ଘଡ଼ାଇ, ହରେନ୍ଦ୍ର ଜେନା, ନିଶିକାନ୍ତ ଜେନା, ଭୋଗରାଇ ଶାଖା ସମ୍ପାଦକ ଭୁବନ ପାତ୍ର ପ୍ରମୁଖ ସରକାରୀ ସହାୟତା ଲାଗି ନିବେଦନ କରିଥିଲେ।




ସଭାରେ ଯାତ୍ରା କଳାକାର ସଂଘର କର୍ମକର୍ତ୍ତା।

## ଫାର୍ମାସିଷ୍ଟ ଚଳାଉଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର

**ବାହାନଗା, ୨୭।୬(ଡି.ଏନ.ଏ.)**

ମହାମାରୀ କରୋନା ସମୟରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ଅଧିକ କର୍ମଚାରୀ ଓ ଡାକ୍ତର ଯୋଗାଇ ଦେଉଛନ୍ତି। ଗ୍ରାମାଞ୍ଚଳରେ ଲୋକେ ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହେବେ ସେଥିପାଇଁ ସରକାର ସବୁପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁରଠାରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କୌଣସି ଡାକ୍ତର ନ ଥିବା ବେଳେ କେବଳ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା ଲୋକେ ଚିକିତ୍ସିତ ହେଉଛନ୍ତି।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖରାସାହାପୁର, ଖରାସାହାପୁର ମାଝିସାହି, ବରଜଦେଉଳି, ଅଭଣା, ଅଠିକାବାଜ, ରୂପଖଣ୍ଡ, ଉପରଆଡ଼ିଆ, ରମଧା, ବରହମପୁର ଆଦି ଗ୍ରାମର ବାସିନ୍ଦା ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ଶତାଧିକ ରୋଗୀ ଏଠାକୁ ଆସିଥାନ୍ତି।




ଖରାସାହାପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର।

ମାତ୍ର ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଜଣେ ହେଲେ ଡାକ୍ତର ନାହାନ୍ତି। ଜଣେ ଫାର୍ମାସିଷ୍ଟ ହିଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳାଉଛନ୍ତି। ଏଠାରେ ଜଣେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି କିନ୍ତୁ କୌଣସି ଔଷଧ ବ୍ୟବସ୍ଥା ନାହିଁ। ସେ ଡାକ୍ତର ଜଣକ ଠିକ୍‌ରେ ଡ୍ୟୁଟିକୁ ଆସୁ ନ ଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର (ନୂଆ) ର ଭିତ୍ତିଭୂମି ଠିକ୍ ଥିବା ବେଳେ ଡାକ୍ତର ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ସ୍ଥାନୀୟ ଅଞ୍ଚଳ ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏହାକୁ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଛୋଟ ମୋଟ ରୋଗ ହେଲେ ରୋଗୀଙ୍କୁ ୧୬ କି.ମି. ଦୂର ଗୋପାଳପୁରକୁ ଯିବାକୁ ପଡୁଛି। କରୋନା ସମୟରେ କୌଣସି ଡାକ୍ତର ନ ଥିବା ବେଳେ ଫାର୍ମାସିଷ୍ଟଙ୍କ ପାଇଁ କିଛି ରୋଗୀ ଏଠାକୁ ଆସି ସାମାନ୍ୟ ଉପକୃତ ହୋଇପାରୁଛନ୍ତି। କରୋନା ମହାମାରୀ ସମୟରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦିଆଯାଇ ଏଠାରେ ଡାକ୍ତର ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ରୋଗୀ କଲ୍ୟାଣ ସମିତି ସଭାପତି ପ୍ରଦୀପ କୁମାର ଜେନା କହିଛନ୍ତି, ବହୁ ଦାବି ପରେ ସୋର ବିଧାୟକ ପର୍ଶୁରାମ ଧଡାଙ୍କ ପାଇଁ ଆମେ ଜଣେ ଡାକ୍ତରଙ୍କୁ ପାଇଥିଲୁ, କିନ୍ତୁ ୪ ମାସ ପରେ ସେ ଉଚ୍ଚଶିକ୍ଷା ପାଇଁ ପଳାଇଯାଇଥିଲେ। ପୁନର୍ବାର ବିଧାୟକଙ୍କ ପାଖରେ ଦାବି କରିଛି, ସେ ଖୁବ୍‌ଶୀଘ୍ର ଜଣେ ଡାକ୍ତର ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମର ଭାଗୀରଥି ପଲେଇ କୁହନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରର ସବୁ ପ୍ରକାର ଭିତ୍ତିଭୂମି ଅଛି, ମାତ୍ର ଏଠାରେ କୌଣସି ଡାକ୍ତର ନ ଥିବାରୁ ରୋଗୀମାନେ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି।

